ସକାଳ
THE SAKALA
Sambalpur - 21 Nov 2026 - Page 4

ଆଜି ଭିସୁଟ୍‌ର ୧୮ତମ ସମାବର୍ତ୍ତନ ଉତ୍ସବ

ସମ୍ବଲପୁର, ୨୦।୧୧ (ସମିସ) : ଓଡ଼ିଶାର ଅନ୍ୟତମ ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ତଥା ଦେଶର ପୁରୁଣା ଇଞ୍ଜିନିୟରିଂ ଅନୁଷ୍ଠାନଗୁଡ଼ିକ ମଧ୍ୟରୁ ଅନ୍ୟତମ, ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍), ଆସନ୍ତାକାଲି ୨୧ ତାରିଖ 'ସାର୍ ବିଶ୍ୱେଶ୍ୱରୟ୍ୟା ଅଡିଟୋରିୟମ୍'ରେ ୧୮ତମ ସମାବର୍ତ୍ତନ ଉତ୍ସବ ଆୟୋଜନ କରିବ। ଏହା ଛାତ୍ରଛାତ୍ରୀମାନଙ୍କ ସଫଳତାକୁ ପାଳନ କରିବା ସହିତ ବୈଷୟିକ ଶିକ୍ଷା, ଗବେଷଣା, ନବସୃଜନ ଏବଂ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ଦିଗରେ ବିଶ୍ୱବିଦ୍ୟାଳୟର ନିରନ୍ତର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିବ। ଏହି ଉତ୍ସବରେ ଇଞ୍ଜିନିୟରିଂ, ବିଜ୍ଞାନ, ଆର୍କିଟେକ୍‌ଚର୍, କମ୍ପ୍ୟୁଟର ଆପ୍ଲିକେସନ୍ ଏବଂ ହ୍ୟୁମାନିଟିଜ୍ ଭଳି ବିଭିନ୍ନ ବିଭାଗର ଛାତ୍ରଛାତ୍ରୀମାନଙ୍କୁ ସ୍ନାତକ, ସ୍ନାତକୋତ୍ତର ଏବଂ ଡକ୍ଟରାଲ୍ ଡିଗ୍ରୀ ପ୍ରଦାନ କରାଯିବ। ଏହାବ୍ୟତୀତ, ଉଲ୍ଲେଖନୀୟ



୩୫ ଜଣ ପାଇବେ ସ୍ୱର୍ଣ୍ଣପଦକ

ଶିକ୍ଷାଗତ ପ୍ରଦର୍ଶନ ଏବଂ ସଫଳତା ପାଇଁ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ, ଦାତାଙ୍କ ପ୍ରଦତ୍ତ ସ୍ୱର୍ଣ୍ଣ ପଦକ ଏବଂ ଯୋଗ୍ୟତା ପ୍ରମାଣପତ୍ର ଦେଇ ସମ୍ମାନିତ କରାଯିବ। ଏହି ଉତ୍ସବରେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମାବର୍ତ୍ତନ ଅଭିଭାଷଣ ପ୍ରଦାନ କରିବେ। ଭିସୁଟ୍ କୁଳପତି ପ୍ରଫେସର (ଡଃ) ଦୀପକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବେ ଏବଂ ବିଶ୍ୱବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ସଫଳତା ଉଲ୍ଲେଖ କରିବେ। ସମାବର୍ତ୍ତନ ଉତ୍ସବରେ ମୋଟ ୧୩୦୬ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ତନ୍ମଧ୍ୟରେ ୩୯ ଜଣଙ୍କୁ ପିଏଚ୍‌ଡି, ୧୧୪ ଜଣଙ୍କୁ ଏମ୍.ଟେକ୍, ୩୪ ଜଣଙ୍କୁ ଏମ୍ବିଏ, ୫୪ ଜଣଙ୍କୁ ଏମ୍.ଏସି, ୩୩ ଜଣଙ୍କୁ ଇଣ୍ଟେଗ୍ରେଟେଡ୍ ଏମ୍.ଏସ୍‌ସି, ୧୦୨୧ ଜଣଙ୍କୁ ବି.ଟେକ୍, ୧୦ ଜଣଙ୍କୁ ବି.ଆର୍କ ଏବଂ ଜଣଙ୍କୁ ଇଣ୍ଟେଗ୍ରେଟେଡ୍ ବି.ଟେକ୍/ଓ ଏମ୍.ଟେକ୍ ଡୁଆଲ୍ ଡିଗ୍ରୀ ପ୍ରଦାନ କରାଯିବ। ଏହାସହ ୨୭ ଜଣଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ, ୮ ଜଣଙ୍କୁ ଦାତା (ଡୋନର୍) ପ୍ରଦତ୍ତ ସ୍ୱର୍ଣ୍ଣ ପଦକ ଏବଂ ୩୦ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।